- CLASS: V
- SUBJECT : ଓଡ଼ିଆ
- CHAPTER NAME : ପାଠ-୧୪ ଦଳପତି ପଦ ତୁମକୁ ସାଜେ
- 
- SUBTOPIC : କବିତା  ଆବୃତ୍ତି , କବି ପରିଚୟ ଓ ବ୍ୟାଖ୍ୟା
- 

CHANGING YOUR TOMORROW

Website: www.odmegroup.org
Email: info@odmps.org

Edit with WPS Office

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024







- ଦଳର ମୁଖ୍ୟ

Edit with WPS Office

# ଦଳପତି ପଦ ତୁମକୁ ସାଜେ



Edit with WPS Office



# କବି ପରିଚୟ

ଡ. ନଟବର ସାହୁ : ୧୯୩୯ ମସିହା ଅପ୍ରେଲ ମାସ ୩ ରେ ଜନ୍ମ ।
ରଚିତ ପୁସ୍ତକ : ଆମର ବୈଜ୍ଞାନିକ ମେଘନାଦସାହା , ଆଉ ଏକ ଅଧ୍ୟାୟର ଆରମ୍ଭ, ଗୋଟିଏ ଅଲିଭା ଜ୍ୟୋତି , ଅଜବ ରାଇଜରେ ଗଲିଭର, ଅନୁଚ୍ଚାରିତ ସ୍ୱରଲିପି , ଅଦୃଶ୍ୟ ଚିତ୍ରପଟ , ଅବଲୁପ୍ତ ସିଂହାସନ , ତୁମରି ପାଇଁ ଓ ଅନୁଶୋଚନା

Edit with WPS Office

ODM
EDUCATIONAL GROUP
Changing your Tomorrow

# ଦଳପତି ପଦ ତୁମକୁ ସାଜେ

ଡ. ଜଗବଳ ସାହୁ



ବାରବାର ଜୋର ଶୁଭୁଛି ଡାକ
"ହିରଣ୍ୟକ ହିରଣ୍ୟକ !
ମୂଷିକରାଜା ହେ ବନ୍ଧୁ ମୋର
ବେଗେ ଆସି ଆମ ବନ୍ଧନ ଭଙ୍ଗ ।"

ଶୁଣି ଏଇ ଡାକ ମୂଷିକରାଜ
ବାହାରକୁ ଆସି ଦେଖିଲେ ଭଲା
ଦଳବଳ ସହ କପୋତରାଜ
ଦଶା ଦେଖି ସେ ତ ହୋଇଲେ କାବା ।

କପୋତରାଜନ କହିଲେ, "ସଖା
ଯାଉଥିଲୁ ବନ ପଥରେ ଉଡ଼ି
ପଡ଼ିଗଲୁ ଆମେ ବାଣୁଆ ଜାଲେ
ଖୁଦକଣିକାର ଲୋଭରେ ପଡ଼ି ।

ଏ ଦୁଃଖ ସମୟ ଆମର ଆଜ
ପରାଣ ବିକଳେ ଖସିବେ ମିଳି
ଜାଲ ସହିତରେ ଆସିଛୁ ଉଡ଼ି
ମରଣର ଭୟ ଦେବାକୁ ଟାଳି ।

ମୋର ଅନୁଗତ କପୋତ ସବେ
ତୁମେ ତ ପାରିବ ମୁକ୍ତ କରି
ମୂଷିକରାଜ ମୋ ବାଲ୍ୟସଖା
ଆମଠି କରୁଣା ବର୍ଷା କରି ।"



ଏହା ଶୁଣିସାରି ହିରଣ୍ୟକ
ବନ୍ଧୁ ନିକଟକୁ ଅଇଲେ ସେ ଧାଇଁ
ଜାଲ କାଟି ଦେଲ ମିତକୁ ଆଗ
ଅନ୍ୟଙ୍କୁ ମୁକୁଳି କରିବା ପାଇଁ ।

Edit with WPS Office

ଏହା ଦେଖି ତହୁଁ କପୋତରାଜ
ମିତଙ୍କୁ କହିଲେ ବିନୀତ ହୋଇ
"ପରଜାଙ୍କୁ ଆଗ ମୁକ୍ତ କର
ମୋ ଫାଶ କାଟିବ ଶେଷରେ ଭାଇ" ।



ହିରଣ୍ୟକ ହସି କହିଲେ , "ସଖା
ଅଳପ ଶକତି କ୍ଷୀଣ ମୋ ଦେହ
ସବୁ କପୋତର କାଟିବି ଫାଶ
କିପରି ପାରିବି ତୁମେ ଯେ କୁହ !

ତୁମେ ଦଳପତି ବନ୍ଧୁ ମୋର
ପହିଲେ ତୁମକୁ ଦେବି ମୁକତି
ତା'ପରେ କାଟିବି ପାରିବି ଯେତେ
ଦେହେ ଥିବା ଯାଏ ମୋର ଶକତି ।



ଆଶ୍ରିତ ଜନ ରକ୍ଷା ପାଇଁ
ଦଳପତି ସିନା ସାଜିଛି ମୁହିଁ
ତାଙ୍କ ପାଇଁ ପଛେ ଜୀବନ ଯାଉ
ସେଥିପାଇଁ ମୋର ଭାବନା ନାହିଁ" ।



କପୋତ ରାଜନ ବଚନ ଶୁଣି
ହିରଣ୍ୟକ ହସି କହିଲେ ତେଜେ
"ଆଦରଣି ତୁମ ଧନ୍ୟ, ସଖା
ଦଳପତି ପଦ ତୁମକୁ ସାଜେ ।"

Edit with WPS Office

# ଶବ୍ଦାର୍ଥ

ହିରଣ୍ୟକ – ମୂଷିକ

ଉଭା- ପ୍ରକଟ ହେବା

କାବା- ଆଶ୍ଚର୍ଯ୍ୟ

ସଖା- ବନ୍ଧୁ

ବାଣୁଆ- ଶିକାରୀ

ପରାଣ- ପ୍ରାଣ

Edit with WPS Office

# ଗୃହକର୍ମ

## ଏକତାର ବଳ ଦର୍ଶାଉଥିବା ଏକ ଛବିଟିଏ ଖାତାରେ ଅଙ୍କନ କର



# THANKING YOU

# ODM EDUCATIONAL GROUP

Edit with WPS Office